# ଭାରତ ସରକାରଙ୍କ ରାଜପତ୍ର

**ଭାଗ - ୨, ଖଣ୍ଡ - ୧**

**ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ**

**(ଆଇନ ପ୍ରଣୟନ ବିଭାଗ)**

**ନୂଆଦିଲ୍ଲୀ, ୨ ଜାନୁୟାରୀ ୨୦୦୭, ପୌଷ ୧୨, ୧୯୨୮ (ଶକାବ୍ଦ)**

ସଂସଦରେ ଗୃହୀତ ହୋଇଥିବା ନିମ୍ନୋକ୍ତ ଆଇନ୍ ରାଷ୍ଟ୍ରପତିଙ୍କ ଦ୍ୱାରା ୨୯ ଡିସେମ୍ବର, ୨୦୦୬ରେ ଅନୁମୋଦନ ଲାଭ କରିଛି ଏବଂ ଏଠାରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା:-

## ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍, ୨୦୦୬

**(୨୯ ଡିସେମ୍ବର, ୨୦୦୬)**

ପୁରୁଷାନୁକ୍ରମେ ଜଙ୍ଗଲରେ ରହି ଆସୁଥିବା ଯେଉଁ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଅଧିକାରକୁ ନଥିଭୁକ୍ତ କରାଯାଇପାରିନାହିଁ, ସେହିମାନଙ୍କୁ ସେମାନଙ୍କର ଅଧିକୃତ ଜମି ଏବଂ ଜଙ୍ଗଲ ଅଧିକାରର ସ୍ୱୀକୃତି ଦିଆଯିବା ଓ ଜଙ୍ଗଲ ଅଧିକାରର ନଥିଭୁକ୍ତ କରିବା ନମନ୍ତେ ଏକ ଲୋକାଭିମୁଖି ଆଇନ୍ ପ୍ରଣୟନ କରାଯାଇଛି । ଏହି ଆଇନରେ ଜଙ୍ଗଲ ଜମିର ସ୍ୱୀକୃତି ପ୍ରଦାନ ଏବଂ ବନବାସୀମାନଙ୍କର ଅଧିକାରର ସାବ୍ୟସ୍ତ ନିମନ୍ତେ ଆବଶ୍ୟକୀୟ ପ୍ରମାଣ ସହ ସେମାନଙ୍କର ବୃତ୍ତିଗତ ବ୍ୟବସ୍ଥାକୁ ମଧ୍ୟ ସ୍ୱୀକୃତି ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ଧାରାର ବ୍ୟବସ୍ଥା କରାଯାଇଛି । ଏହା ଫଳରେ ଜଙ୍ଗଲରେ ବାସ କରୁଥିବା ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ସ୍ୱୀକୃତି ପ୍ରାପ୍ତ ଅଧିକାର ମଧ୍ୟରେ ଜୈବ ବିବିଧତାର ଚିରନ୍ତନ ବ୍ୟବହାର, ସଂରକ୍ଷଣ ଓ ପରିବେଶ ସନ୍ତୁଳନର ପରିଚାଳନା ଏବଂ ତଦ୍ୱାରା ଜଙ୍ଗଲ ଅଞ୍ଚଳର ସଂରକ୍ଷଣକୁ ସୁଦୃଢ଼ କରିବା ନିମନ୍ତେ ଦାୟିତ୍ୱ ଏବଂ ଅଧିକାର ଅନ୍ତର୍ଭୁକ୍ତ ହେବ । ଏବଂ ଏଥିରେ ଖାଦ୍ୟ ନିରାପତ୍ତା ଓ ଜୀବିକାର ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯିବ ।

ସ୍ୱାଧୀନତାର ପୂର୍ବ ଏବଂ ସ୍ୱାଧୀନୋତ୍ତର ଭାରତବର୍ଷରେ ଯେତେବେଳେ ରାଜ୍ୟ ଜଙ୍ଗଲ ଗୁଡ଼ିକର ମିଶ୍ରଣ ହେଲା, ସେତେବେଳେ ଜଙ୍ଗଲର ସ୍ଥାୟିତ୍ୱ ଏବଂ ପାରିବେଶିକ ସନ୍ତୁଳନର ପ୍ରମୁଖ ଅଂଶୀଦାର ଭାବେ ଜଣାଥିବା ଜଙ୍ଗଲରେ ରହୁଥିବା ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ପୈତୃକ ସମ୍ପତି ଓ ବାସସ୍ଥଳୀ ଉପରେ ଜଙ୍ଗଲ ଅଧିକାରକୁ ସଠିକ୍ ଭାବେ ସ୍ୱୀକୃତି ପ୍ରଦାନ କରାନଯାଇ ସେମାନଙ୍କର ପ୍ରତି ଏକ ଐତିହାସିକ ଅନ୍ୟାୟ କରାଯାଇଥିଲା ।

ଜଙ୍ଗଲରେ ବାସ କରୁଥିବା ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଏବଂ ଦେଶର ବିକାଶମୂଳକ କାର୍ଯ୍ୟକ୍ରମ ନିମନ୍ତେ ନିଜର ବାସସ୍ଥାନକୁ ଅନ୍ୟତ୍ର ଉଠାଇବା ନିମନ୍ତେ ବାଧ ହୋଇଥିବା ଜନସାଧାରଣଙ୍କର ପାରମ୍ପରିକ ଅଧିକାରକୁ ସାବ୍ୟସ୍ତ ନିମନ୍ତେ ଦୀର୍ଘଦିନ ଧରି ବିପନ୍ନ ହୋଇଥିବା ନିରାପତ୍ତାକୁ ଅନୁଧ୍ୟାନ କରିବା ଆବଶ୍ୟକ ହୋଇପଡ଼ିଛି । ଏହି ପରିପ୍ରେକ୍ଷୀରେ ଭାରତବର୍ଷର ୫୭ତମ ସାଧାରଣତନ୍ତ୍ର ବର୍ଷରେ ସଂସଦରେ ଗୃହୀତ ହୋଇଥିବା ଏହି ଆଇନ ନିମ୍ନରେ ପ୍ରଦାନ କରାଯାଇଛି ।

# ପ୍ରଥମ ପରିଚ୍ଛେଦ

## ପ୍ରାଥମିକ

**୧. ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ**

୧) ଏହି ଆଇନ୍ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍, ୨୦୦୬ ଭାବେ ନାମିତ ହେବ।

୨) ଏହା ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତିତ ସମଗ୍ର ଭାରତରେ ଲାଗୁ ହେବ।

୩) କେନ୍ଦ୍ର ସରକାରଙ୍କର ଦ୍ୱାରା ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଏହା ବଳବତ୍ତର ରହିବ ।

**୨. ସଂଜ୍ଞା**

କ) **'ଗୋଷ୍ଠୀ ଅରଣ୍ୟ ସମ୍ବଳ'** ଅର୍ଥାତ୍ ଏହି ଆଇନରେ ଗ୍ରାମର ପାରମ୍ପରିକ କିମ୍ବା ପ୍ରଥାନୁମୋଦିତ ସୀମା ମଧ୍ୟରେ ଥିବା ପାରମ୍ପରିକ ଜଙ୍ଗଲ ଜମି କିମ୍ବା ପଶୁପାଳକ ସମ୍ପ୍ରଦାୟଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଋତୁଭିତ୍ତିକ ଭୂଖଣ୍ଡ ଯେପରିକି ସୁରକ୍ଷିତ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ ଏବଂ ସୁରକ୍ଷିତ ଅଞ୍ଚଳ ଯେପରିକି ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନ, ଯେଉଁଥିରେ ଲୋକମାନଙ୍କର ପାରମ୍ପରିକ ବ୍ୟବହାର କରିବାର ଅଧିକାର ରହିଛି;

ଖ) **'ସଂକଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀ'** ଅର୍ଥାତ୍ ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟ ଅଞ୍ଚଳ, ଯେଉଁ ଅଞ୍ଚଳକୁ ବୈଜ୍ଞାନିକ ପଦ୍ଧତି ଏବଂ ବିଧିବଦ୍ଧ ପର୍ଯ୍ୟବେକ୍ଷଣ ଦ୍ୱାରା ବନ୍ୟପ୍ରାଣୀ ସଂରକ୍ଷଣ ଉଦ୍ଦେଶ୍ୟରେ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ବିଶେଷ ଓ ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଥିବ, ପରେ କେନ୍ଦ୍ର ସରକାରଙ୍କର ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରଣ ଏବଂ ନିଷ୍ପତ୍ତି ନିଆଯାଇଥିବ। ଉକ୍ତ ଆଇନରେ ଥିବା ଧାରା -୪ ଅନ୍ତର୍ଗତ ଉପଧାରା (୧) ଓ (୨) ରେ ଥିବା ବ୍ୟବସ୍ଥାକୁ ଭିତ୍ତିକରି 'ସଂକଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀ' ନିରୂପିତ କରିବା ସମୟରେ ଏକ ବିଶେଷଜ୍ଞ କମିଟି ସହିତ ମୁକ୍ତ ପରାମର୍ଶ କରିବା ଆବଶ୍ୟକ, ଏହି ବିଶେଷଜ୍ଞ କମିଟିରେ ସରକାରଙ୍କ ଦ୍ୱାରା ନିଯୁକ୍ତ ଆଞ୍ଚଳିକ ବିଶେଷଜ୍ଞ ସ୍ଥାନ ପାଇବେ ଏବଂ ଏଥିରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଜଣେ ପ୍ରତିନିଧି ମଧ୍ୟ ରହିବେ;

ଗ) **'ବନବାସୀ ଅନୁସୂଚୀତ ଜନଜାତି'** ଅର୍ଥାତ୍ ଅନୁସୂଚୀତ ଜନଜାତିଙ୍କର କୌଣସି ସଭ୍ୟ କିମ୍ବା ସମ୍ପ୍ରଦାୟ ଯେଉଁମାନେ ମୁଖ୍ୟତଃ ଜଙ୍ଗଲରେ ବସବାସ କରନ୍ତି ଏବଂ ପ୍ରକୃତ ଭାବରେ ଜୀବନଜୀବିକାର ସାଧନ ନିମନ୍ତେ ଜଙ୍ଗଲ କିମ୍ବା ଜଙ୍ଗଲ-ଜମି ଉପରେ ନିର୍ଭର କରନ୍ତି, ଅନୁସୂଚୀତ ଜନଜାତିର ଅନ୍ତର୍ଭୁକ୍ତ ପଶୁପାଳକ ସମ୍ପ୍ରଦାୟ ମଧ୍ୟ ଏହାର ଅନ୍ତର୍ଗତ;

ଘ) **'ଜଙ୍ଗଲ ଜମି'** କହିଲେ ଯେକୌଣସି ଜଙ୍ଗଲ ଅଞ୍ଚଳ ମଧ୍ୟରେ ଆସୁଥିବା ଯେ କୌଣସି ଜମି, ଶ୍ରେଣୀଭୁକ୍ତ ହୋଇନଥିବା ଜଙ୍ଗଲ, ସୀମା ଚିହ୍ନଟ କରାଯାଇନଥିବା ଜଙ୍ଗଲ, ପରିଦୃଷ୍ଟ ହେଉଥିବା କିମ୍ବା ବିବେଚିତ ହେଉଥିବା ଜଙ୍ଗଲ, ସୁରକ୍ଷିତ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ, ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନର ଅନ୍ତର୍ଗତ ହେଉଥିବା ଜମିକୁ ବୁଝାଏ;

ଙ) **'ଜଙ୍ଗଲ ଅଧିକାର'** ଅର୍ଥାତ୍ ଆଇନର ଧାରା-୩ରେ ଦର୍ଶାଯାଇଥିବା ଜଙ୍ଗଲ ଅଧିକାର;

ଚ) **'ଜଙ୍ଗଲ ଗ୍ରାମ'** ଅର୍ଥାତ୍ କୌଣସି ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲର କାର୍ଯ୍ୟକ୍ରମ ନିମନ୍ତେ ଜଙ୍ଗଲ ମଧ୍ୟରେ ସ୍ଥାପନ କରାଯାଇଥିବା ବସତି କିମ୍ବା ଜଙ୍ଗଲ ସଂରକ୍ଷଣ ପ୍ରକ୍ରିୟାରେ ପରିବର୍ତ୍ତିତ ଜଙ୍ଗଲ ଗ୍ରାମ ଯାହା ଜଙ୍ଗଲ ବନ୍ଦୋବସ୍ତ ହୋଇଥିବା ଗ୍ରାମ ସମୂହ, ନିଧାର୍ଯ୍ୟ ଦାବି ଥିବା ଜମି, ସମସ୍ତ ପ୍ରକାରର ଟାଙ୍ଗିଆ ବସତି ଯେକୌଣସି ନାମର ଗ୍ରାମଖଣ୍ଡ ସହିତ କୃଷି ପାଇଁ ବ୍ୟବହୃତ ଜମି ଏବଂ ଅନ୍ୟାନ୍ୟ ବ୍ୟବହାର ପାଇଁ ସରକାରୀ ଅନୁମୋଦନ ପ୍ରାପ୍ତ ଜମି ଗୁଡ଼ିକ ଏହାର ଅନ୍ତର୍ଭୁକ୍ତ ହେବ;

**ଛ) 'ଗ୍ରାମସଭା'** ଅର୍ଥାତ୍ ଗୋଟିଏ ଗ୍ରାମର ଲୋକମାନଙ୍କର ସାଧାରଣ ସଭା ଯେଉଁଥିରେ ଗ୍ରାମର ସମସ୍ତ ସାବାଳକ ସଦସ୍ୟ ଯୋଗ ଦେଉଥିବେ ଏବଂ ଯେଉଁ ରାଜ୍ୟରେ ପଞ୍ଚାୟତ ବ୍ୟବସ୍ଥା ନାହିଁ ସେଠାରେ ପଡ଼ା, ଟୋଲା ଏବଂ ଅନ୍ୟାନ୍ୟ ପାରମ୍ପରିକ ଗ୍ରାମ୍ୟ ଅନୁଷ୍ଠାନ ଏବଂ ନିର୍ବାଚିତ ଗ୍ରାମ୍ୟ କମିଟିକୁ ବିଚାରକୁ ନିଆଯିବ, ଯେଉଁଥିରେ ମହିଳାମାନେ ସମ୍ପୂର୍ଣ୍ଣ ତଥା ଅବାଧ ଭାବରେ ଯୋଗଦାନ କରିପାରୁଥିବେ;

**(ଜ) 'ବସତି'** ଅର୍ଥାତ୍ ଆଦିମ ଜନଜାତି ଏବଂ ପ୍ରାକ୍ କୃଷକ ସମ୍ପ୍ରଦାୟ ଏବଂ ଅନ୍ୟାନ୍ୟ ବନବାସୀ ଜନଜାତିଙ୍କର ସଂରକ୍ଷିତ ଜଙ୍ଗଲ ଓ ଆରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ପାରମ୍ପରିକ ବାସସ୍ଥଳୀ କିମ୍ବା ସେହି ପ୍ରକାରର ବସତି ଅନ୍ତର୍ଗତ;

**ଝ) 'ଲଘୁ ବନଜାତ ଦ୍ରବ୍ୟ'** ଅର୍ଥାତ୍ ବୃକ୍ଷଜାତ ସମସ୍ତ ଅଣକାଷ୍ଠ ବନଜାତ ଦ୍ରବ୍ୟ ଯେଉଁଥିରେ ବାଉଁଶ, ଝାଟି, ଛୋଟ ଗଛର ଡାଳ, ବେତ, ଟସର, କୋଷା, ମହୁ, ମହମ, ଲାଖ, କେନ୍ଦୁପତ୍ର, ଔଷଧୀୟ ବୃକ୍ଷଲତା, ମୂଳ, ଚେରମୂଳି, କନ୍ଦା ଆଦି ଅନ୍ତର୍ଭୁକ୍ତ;

ଞ) **'ନୋଡାଲ୍ ସଂସ୍ଥା'** ଅର୍ଥାତ୍ ଧାରା-୧୧ରେ ଦର୍ଶାଯାଇଥିବା ନୋଡାଲ୍ ସଂସ୍ଥା ;

ଟ) **'ବିଜ୍ଞପ୍ତି'** ଅର୍ଥାତ୍ ବିଜ୍ଞପ୍ତି ଯାହା ସରକାରୀ ଗେଜେଟରେ ପ୍ରକାଶିତ ;

ଠ) **'ନିର୍ଦ୍ଧାରଣ କରାଯାଇଥିବା'** ଅର୍ଥାତ୍ ଏହି ଆଇନ ଅଧିନରେ ଦର୍ଶଯାଇଥିବା ନିୟମ / ଧାରା;

ଡ) **'ଅନୁସୂଚୀତ ଅଞ୍ଚଳ'** ଅର୍ଥାତ୍ ସମ୍ବିଧାନର ୨୪୪ ଧାରାରେ ଉପବିଧି (୧)ରେ ଦର୍ଶାଯାଇଥିବା ଅନୁସୂଚୀତ ଅଞ୍ଚଳ;

ଢ଼) **'ଦୀର୍ଘସ୍ଥାୟୀ ବ୍ୟବହାର'** କହିଲେ ଜୈବ ବିବିଧତା ଆଇନ୍-୨୦୦୨ର ଧାରା (୨)ର ଉପବିଧି (ଣ)ରେ ନିରୂପିତ ହେଉଥିବା ଅର୍ଥକୁ ବୁଝାଇବ;

ଣ) **'ଅନ୍ୟାନ୍ୟ ପାରମ୍ପରିକ ବନବାସୀ'** ଅର୍ଥାତ୍ କୌଣସି ସଦସ୍ୟ କିମ୍ବା ସମ୍ପ୍ରଦାୟ ଯିଏ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ତିନି ପିଢ଼ି ଧରି ପ୍ରାଥମିକ ଭାବରେ ଜଙ୍ଗଲରେ ରହିଆସିଛନ୍ତି ଏବଂ ଯେଉଁମାନେ ମୁଖ୍ୟତଃ ଜଙ୍ଗଲ ଓ ଜଙ୍ଗଲ ଜମି ଉପରେ ପ୍ରକୃତ ଭାବରେ ଜୀବନ ଜୀବିକା ପାଇଁ ନିର୍ଭରଶୀଳ ଅଟନ୍ତି;

ବ୍ୟାଖ୍ୟା – ଏହି ଉପଧାରାରେ 'ପିଢ଼ି' କହିଲେ ୨୫ ବର୍ଷ ଅବଧିକୁ ବୁଝାଏ।

ତ) **'ଗ୍ରାମ'** ଅର୍ଥାତ୍

ପଞ୍ଚାୟତ (ଅନୁସୂଚୀତ ଅଞ୍ଚଳକୁ ସମ୍ପ୍ରସାରଣ) ଆଇନ୍, ୧୯୯୬ର ଧାରା -୪ର ଉପବିଧି (ଖ)ରେ ସୂଚିତ ଗ୍ରାମ; କିମ୍ବା

ଅନୁସୂଚୀତ ଅଞ୍ଚଳକୁ ବାଦ୍ ଦେଇ ପଞ୍ଚାୟତ ସମ୍ପର୍କିତ ରାଜ୍ୟ ଆଇନ୍‌ରେ ଗ୍ରାମ ରୂପେ ସୂଚୀତ କୌଣସି ଅଞ୍ଚଳ; କିମ୍ବା

ଜଙ୍ଗଲ ଗ୍ରାମ, ପୁରାତନ ବସତି କିମ୍ବା ବନ୍ଦୋବସ୍ତ ଏବଂ ସର୍ବେକ୍ଷଣ ହୋଇନଥିବା ଗ୍ରାମ ଯାହା ଗ୍ରାମ ଭାବେ ବିଜ୍ଞପ୍ତି ହୋଇଛି ବା ହୋଇନାହିଁ; କିମ୍ବା

କୌଣସି କ୍ଷେତ୍ରରେ ଯେଉଁ ରାଜ୍ୟରେ ଯେଉଁଠାରେ ପଞ୍ଚାୟତ ନାହିଁ, ପାରମ୍ପରିକ ଗ୍ରାମ ଯେ କୌଣସି ନାମର ହୋଇଥିଲେ ମଧ ଗ୍ରାମ ରୂପେ ବିବେଚିତ ହେବ;

ଥ) **"ବନ୍ୟପ୍ରାଣୀ"** ଅର୍ଥାତ୍ ଜଙ୍ଗଲରେ ଦେଖାଯାଇଥିବା କୌଣସି ପ୍ରାଣୀ ପ୍ରଜାତି ଯାହା ବନ୍ୟଜନ୍ତୁ (ସୁରକ୍ଷା) ଆଇନ, ୧୯୭୨ମସିହାର ଧାରା ୧ ରୁ ୪ର ଅନ୍ତର୍ଭୁକ୍ତ ;

# ଦ୍ୱିତୀୟ ପରିଚ୍ଛେଦ

## ଜଙ୍ଗଲ ଅଧିକାର

୩. ୧) ଏହି ଆଇନ୍‌ର ବ୍ୟାଖ୍ୟା ନିମନ୍ତେ ନିମ୍ନୋକ୍ତ ଅଧିକାର ଗୁଡ଼ିକ ଯାହା ବ୍ୟକ୍ତି ବିଶେଷ କିମ୍ବା ଗୋଷ୍ଠୀ କିମ୍ବା ଉଭୟଙ୍କ ପାଇଁ, ବନବାସୀ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ସମସ୍ତ ଜଙ୍ଗଲ ଜମି ଉପରେ ଅଧିକାର ଭାବେ ବିବେଚିତ ହେବ । ସେଗୁଡ଼ିକ ହେଲା:-

କ) ବନବାସୀ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ମଧ୍ୟରୁ କୌଣସି ସଦସ୍ୟ ବା ସଦସ୍ୟମାନଙ୍କ ଦ୍ୱାରା ଜଙ୍ଗଲରେ ବସବାସ କିମ୍ବା ଜୀବିକା ଉପାର୍ଜନ ନିମନ୍ତେ କୃଷି କରୁଥିବା ଜଙ୍ଗଲ ଜମିରେ ଚାଷ କରିବା ଏବଂ ରହିବା ନିମନ୍ତେ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଅଧିକାର ;

ଖ) ପୂର୍ବରୁ ଥିବା ରାଜାରାଜୁଡ଼ା ଶାସନ କାଳରେ ଜମିଦାରୀ କିମ୍ବା ସେହି ପ୍ରକାରର ଆନ୍ତରୀଣ ଶାସନ କାଳରେ ନିସ୍ତାର କିମ୍ବା ସେହିଭଳି ଯେ କୌଣସି ନାମରେ ଗୋଷ୍ଠୀଭିତ୍ତିକ ଅଧିକାର;

ଗ) ପାରମ୍ପରିକ ଭାବେ ନିଜ ଗ୍ରାମ ମଧ୍ୟରେ କିମ୍ବା ଗ୍ରାମ ବାହାର ସୀମାରୁ ସଂଗ୍ରହ ହୋଇ ଆସୁଥିବା ଲଘୁ ବନଜାତ ଦ୍ରବ୍ୟର ମାଲିକାନା, ସଂଗ୍ରହ, ବ୍ୟବହାର ଏବଂ ବିକ୍ରୟ ନିମନ୍ତେ ଅଧିକାର;

ଘ) ଯାଯାବର କିମ୍ବା ପଶୁପାଳକ ଗୋଷ୍ଠୀମାନଙ୍କର ମାଛ ଏବଂ ଅନ୍ୟାନ୍ୟ ଜଳଜାତ ଦ୍ରବ୍ୟ, ଚାରଣ (ଉଭୟ ସ୍ଥାୟୀ କିମ୍ବା ଭ୍ରାମ୍ୟମାଣ) ଏବଂ ପାରମ୍ପରିକ ଋତୁଭିତ୍ତିକ ସମ୍ବଳ ଉପରେ ବ୍ୟବହାର ଏବଂ ମାଲିକାନା ଜନିତ ଗୋଷ୍ଠୀ ଅଧିକାର;

ଙ) ଆଦିମ ଜନଜାତି ଏବଂ ପ୍ରାକ୍ କୃଷିଜୀବି ସମ୍ପ୍ରଦାୟମାନଙ୍କର ବାସ ଏବଂ ବସତି ଉପରେ ଗୋଷ୍ଠୀଗତ ଅଧିକାର;

ଚ) କୌଣସି ରାଜ୍ୟରେ କୌଣସି ସତ୍ତ୍ୱରେ ଥିବା ବିବାଦମାନ ଜମି କିମ୍ବା ଦାବି ଥିବା ବିବାଦମାନ ଜମି ଉପରେ ଅଧିକାର;

ଛ) କୌଣସି ସ୍ଥାନୀୟ ଅଧିକାରୀ କିମ୍ବା କୌଣସି ରାଜ୍ୟ ସରକାରଙ୍କ ଦ୍ୱାରା ଜଙ୍ଗଲ ଜମି ଅନ୍ୟ ନାମରେ ଦିଆ ଯାଇଥିବା ପଟ୍ଟା କିମ୍ବା ଲିଜ୍ କିମ୍ବା ମଞ୍ଜୁରୀ ପରିବର୍ତ୍ତନର ଅଧିକାର;

ଜ) ନଥିଭୁକ୍ତ, ବିଜ୍ଞପିତ ହୋଇଥିବା କିମ୍ବା ହୋଇ ନଥିବା ସମସ୍ତ ଜଙ୍ଗଲ ଗ୍ରାମ, ପୁରାତନ ବସତି, ସର୍ବେକ୍ଷଣ ହୋଇନଥିବା ଗ୍ରାମ ଏବଂ ଜଙ୍ଗଲରେ ଥିବା ଅନ୍ୟାନ୍ୟ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ବନ୍ଦୋବସ୍ତ ଏବଂ ପରିବର୍ତ୍ତନର ଅଧିକାର;

ଝ) ଦୀର୍ଘସ୍ଥାୟୀ ଉପଯୋଗ ନିମନ୍ତେ ପାରମ୍ପରିକ ଭାବେ ସୁରକ୍ଷା ଏବଂ ସଂରକ୍ଷଣ କରିଆସୁଥିବା କୌଣସି ଗୋଷ୍ଠୀ ଜଙ୍ଗଲ ସମ୍ବଳର ସୁରକ୍ଷା, ପୁନଃଜନନ କିମ୍ବା ସଂରକ୍ଷଣ କିମ୍ବା ପରିଚାଳନାର ଅଧିକାର;

ଞ) କୌଣସି ରାଜ୍ୟ ବା ସ୍ୱୟଂଚାଳିତ ଜିଲ୍ଲା ପରିଷଦ କିମ୍ବା ସ୍ୱୟଂଚାଳିତ ଆଞ୍ଚଳିକ ପରିଷଦ ଦ୍ୱାରା ସ୍ୱୀକୃତ ଆଇନ କିମ୍ବା କୌଣସି ରାଜ୍ୟର ସମ୍ପୃକ୍ତ ଆଦିବାସୀଙ୍କର ପାରମ୍ପରିକ କିମ୍ବା ପ୍ରଥାନୁମୋଦିତ ନିୟମଭାବେ ଗ୍ରହଣ ହୋଇଥିବା ଅଧିକାର;

ଟ) ଜୈବ ବିବିଧତା ଏବଂ ବୌଦ୍ଧିକ ସମ୍ପତ୍ତିର ଗୋଷ୍ଠୀଗତ ଅଧିକାର ଏବଂ ଜୈବ ବିବିଧତା ଓ ସାଂସ୍କୃତିକ ବିବିଧତା ସମ୍ପର୍କିତ ପାରମ୍ପରିକ ଜ୍ଞାନ କୌଶଳକୁ ଉପଯୋଗ ନିମନ୍ତେ ଅଧିକାର;

ଠ) ବନବାସୀ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ଦ୍ୱାରା ପାରମ୍ପରିକ ଭାବେ ପ୍ରଥାନୁମୋଦିତ ଅଧିକାର ଯାହା (କ) ରୁ (ଟ) ଉପଧାରା ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇନାହିଁ, କିନ୍ତୁ କୌଣସି ପ୍ରଜାତିର ବନ୍ୟପ୍ରାଣୀଙ୍କୁ ଶିକାର କରିବା, ଫାଶ ବସାଇବା କିମ୍ବା ସେମାନଙ୍କ ଶରୀରର କୌଣସି ଅଂଶକୁ କାଢ଼ି ନେବା ନିମନ୍ତେ ଅଧିକାର ଏହାର ଅନ୍ତର୍ଭୁକ୍ତ ନୁହେଁ;

ଡ) ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଯେଉଁଠାରେ ବେଆଇନ ଭାବେ କୌଣସି ଜଙ୍ଗଲ ଜମିରୁ ଉଚ୍ଛେଦ କିମ୍ବା ସ୍ଥାନାନ୍ତରିତ ହୋଇଛନ୍ତି କିନ୍ତୁ ୨୦୦୫ ମସିହା ଡିସେମ୍ବର ମାସ ୧୩ ତାରିଖ ପୂର୍ବରୁ କୌଣସି ଆଇନଗତ ସ୍ୱତ୍ତ୍ୱାଧିକାର କିମ୍ବା ପୁନଃ ଥଇଥାନ ହୋଇନାହାଁନ୍ତି, ସେମାନଙ୍କୁ ବିକଳ୍ପ ଜମି ସହ ଜଙ୍ଗଲ ମଧ୍ୟରେ ପୁନଃ ଥଇଥାନର ଅଧିକାର।

୨. ପ୍ରଚଳିତ ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦ର ପ୍ରାବଧାନ ସତ୍ତ୍ୱେ ସରକାରଙ୍କ ଦ୍ୱାରା ପରିଚାଳିତ ନିମ୍ନୋକ୍ତ ସୁବିଧା ସୁଯୋଗ ନିମନ୍ତେ କେନ୍ଦ୍ର ସରକାର ଜଙ୍ଗଲ ଜମିକୁ ବଦଳାଇ ଦେଇ ପାରିବେ, ଯେଉଁଥିରେ ହେକ୍ଟର ପିଛା ୭୫ଟି ଗଛରୁ ଅଧିକ କଟାଯିବ ନାହିଁ। ଯଥା

(କ) ବିଦ୍ୟାଳୟ;

(ଖ) ଡାକ୍ତରଖାନା ବା ହାସପାତାଳ;

(ଗ) ଅଙ୍ଗନୱାଡ଼ି;

(ଘ) ସୁଲଭ ମୂଲ୍ୟ ଦୋକାନ;

(ଙ) ବିଦ୍ୟୁତ ଏବଂ ଦୂର ସଞ୍ଚାର ବ୍ୟବସ୍ଥା;

(ଚ) ଜଳଭଣ୍ଡାର ଏବଂ କ୍ଷୁଦ୍ର ଜଳାଶୟ;

(ଛ) ପାନୀୟ ଜଳଯୋଗାଣ ଏବଂ ପାଣି ପାଇପ ସଂଯୋଗ;

(ଜ) ଜଳ କିମ୍ବା ବର୍ଷାଜଳ ଅମଳ ପ୍ରକଳ୍ପ;

(ଝ) କ୍ଷୁଦ୍ର ଜଳସେଚନ କେନାଲ;

(ଞ) ଅଣପାରମ୍ପରିକ ଶକ୍ତି ଉତ୍ସ;

(ଟ) କର୍ମକୁଶଳତାର ବୃଦ୍ଧି କିମ୍ବା ଧନ୍ଦାମୂଳକ ତାଲିମ କେନ୍ଦ୍ର;

(ଠ) ରାସ୍ତା, ଏବଂ

(ଡ) ଗୋଷ୍ଠୀ କେନ୍ଦ୍ର।

କିନ୍ତୁ ଜଙ୍ଗଲ ଜମିର ଏହି ପରିବର୍ତ୍ତନ ଅନୁମୋଦନ ହୋଇପାରିବ ଯଦି,

୧) ଉପଧାରାରେ ଦର୍ଶାଯାଇଥିବା କାର୍ଯ୍ୟ ନିମନ୍ତେ ପରିବର୍ତ୍ତିତ ହେଉଥିବା ଜଙ୍ଗଲ ଜମି ପ୍ରତ୍ୟେକ କ୍ଷେତ୍ରରେ ଏକ ହେକ୍ଟରରୁ କମ୍ ହୋଇଥିବ, ଏବଂ

୨) ଏହି ଉନ୍ନତିମୂଳକ ଯୋଜନା ପାଇଁ ଅନୁମତି ମିଳିବ ଯଦି ଏହା ଗ୍ରାମସଭା ଦ୍ୱାରା ଅନୁମୋଦନ ହୋଇଥିବ।

# ତୃତୀୟ ପରିଚ୍ଛେଦ

## ଜଙ୍ଗଲ ଅଧିକାର ଏବଂ ତତ୍ ସମ୍ପର୍କିତ ବିଷୟଗୁଡ଼ିକର ସ୍ୱୀକୃତି, ପୁନଃସ୍ଥାପନ ଏବଂ କ୍ଷମତା ପ୍ରଦାନ

୪. ୧) ବର୍ତ୍ତମାନ ପ୍ରଚଳିତ ଅନ୍ୟ କୌଣସି ଆଇନରେ ଥିବା ପ୍ରାବଧାନ ସତ୍ତ୍ୱେ କେନ୍ଦ୍ର ସରକାର ଏହି ଆଇନର ସର୍ତ୍ତ ଅନୁଯାୟୀ ଜଙ୍ଗଲ ଅଧିକାରଗୁଡ଼ିକର ସ୍ୱୀକୃତି ଓ କ୍ଷମତା ପ୍ରଦାନ କରିଛନ୍ତି।

କ) ରାଜ୍ୟମାନଙ୍କରେ କିମ୍ୱା ରାଜ୍ୟରେ କେତେକ ଅଞ୍ଚଳରେ ଅନୁସୂଚୀତ ଜନଜାତିଭାବେ ଘୋଷିତ ବନବାସୀମାନଙ୍କର ଧାରା (୩)ରେ ଉଲ୍ଲେଖ ଥିବା ସମସ୍ତ ଜଙ୍ଗଲ ଅଧିକାର;

ଖ) ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଧାରା-୩ରେ ଉଲ୍ଲେଖ ଥିବା ସମସ୍ତ ଜଙ୍ଗଲ ଅଧିକାର।

୨) ଏହି ଆଇନରେ ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟଗୁଡ଼ିକରେ ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀରେ ସ୍ୱୀକୃତ ହୋଇଥିବା ଜଙ୍ଗଲ ଅଧିକାରଗୁଡ଼ିକର ପରବର୍ତ୍ତୀ ସମୟରେ ପରିବର୍ତ୍ତନ କିମ୍ୱା ପୁନଃ ନିରୂପଣ କରାଯାଇପାରେ; କିନ୍ତୁ ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ଅଲଘଂନୀୟ ଅଞ୍ଚଳ ସୃଷ୍ଟି ନିମନ୍ତେ ଯଦି କୌଣସି ଅସୁବିଧା ଉପୁଜେ, ତେବେ କୌଣସି ଜଙ୍ଗଲ ଅଧିକାର ଥିବା ବ୍ୟକ୍ତିଙ୍କର ପୁନଃ ଥଇଥାନ କିମ୍ୱା କୌଣସି ଅଧିକାର ରହିବ ନାହିଁ, ଯଦି ନିମ୍ନୋକ୍ତ ସର୍ତ୍ତାବଳୀ ପୂରଣ ହେଉଥାଏ, ଯଥା:-

କ) ଧାରା - ୬ ଅନୁଯାୟୀ ସମସ୍ତ ବିଚାରାଧିନ ଅଞ୍ଚଳରେ ଅଧିକାରର ସ୍ୱୀକୃତି ଏବଂ କ୍ଷମତା ପ୍ରଦାନ ପ୍ରକ୍ରିୟା ସମାପ୍ତ ହୋଇଥିବ;

ଖ) ବନ୍ୟଜନ୍ତୁ (ସୁରକ୍ଷା) ଆଇନ, ୧୯୭୨ରେ ଥିବା କ୍ଷମତାକୁ ଉପଯୋଗ କରି ରାଜ୍ୟ ସରକାରଙ୍କର ସମ୍ପୃକ୍ତ ସଂସ୍ଥାଦ୍ୱାରା ଏହା ସ୍ଥିରୀକୃତ ହୋଇଛି ଯେ, ବନ୍ୟପ୍ରାଣୀ ଥିବା ଅଞ୍ଚଳରେ ଜନବସତି ସମ୍ପୃକ୍ତ ବନ୍ୟପ୍ରାଣୀଙ୍କ ଅବସ୍ଥିତିରେ ଅପୂରଣୀୟ କ୍ଷତି ଘଟାଇବ ଏବଂ ସେମାନଙ୍କର ସ୍ଥିତିକୁ ବିପଦ ପହଞ୍ଚାଇବ;

ଗ) ରାଜ୍ୟ ସରକାର ସହାବସ୍ଥାନ ଭଳି ଯୁକ୍ତିଯୁକ୍ତ ସମ୍ଭାବନା ନାହଁ ବୋଲି ନିର୍ଣ୍ଣୟ କରିଛନ୍ତି;

ଘ) କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଏଥି ସମ୍ପର୍କିତ ଆଇନ ଏବଂ ନୀତି ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ଜନ ସାଧାରଣ ଏବଂ ଗୋଷ୍ଠୀମାନଙ୍କର ସୁରକ୍ଷିତ ଜୀବିକା ଉପାର୍ଜନ ନିମନ୍ତେ ପୁନର୍ବାସ ଏବଂ ବିକଳ୍ପ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି ଏବଂ ଏହାଦ୍ୱାରା କ୍ଷତିଗ୍ରସ୍ତ ବ୍ୟକ୍ତିବିଶେଷ ଏବଂ ଗୋଷ୍ଠୀମାନଙ୍କର ଆବଶ୍ୟକତାକୁ ଗ୍ରହଣ କରାଯାଇଅଛି;

ଙ) ପ୍ରସ୍ତାବିତ ପୁନର୍ବାସ ଅଞ୍ଚଳ ଏବଂ ଯୋଗାଇ ଦିଆଯାଇଥିବା ବ୍ୟବସ୍ଥା ନିମନ୍ତେ ଗ୍ରାମସଭାଠାରୁ ଅବାଧ ମତ ଲିଖିତ ଭାବରେ ଗ୍ରହଣ କରାଯାଇଅଛି;

ଚ) ବ୍ୟବସ୍ଥାରେ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ପୁନର୍ବାସ ଅଞ୍ଚଳରେ ସୁବିଧାସୁଯୋଗ ଏବଂ ଜମି ଯୋଗାଇ ନ ଦିଆଯିବା ପର୍ଯ୍ୟନ୍ତ କୌଣସି ପୁନର୍ବାସ ହେବନାହିଁ;

କିନ୍ତୁ "ସଂକଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀ", ଯେଉଁଥିରୁ ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ଲୋକମାନେ ସ୍ଥାନାନ୍ତରିତ ହୋଇଛନ୍ତି, ଏହି ସ୍ଥାନକୁ ପରବର୍ତ୍ତୀ କାଳରେ କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ୱା ଅନ୍ୟ କୌଣସି ସଂସ୍ଥା ଅନ୍ୟ କୌଣସି ବ୍ୟବହାର ନିମନ୍ତେ କାର୍ଯ୍ୟରେ ଲଗାଇ ପାରିବେ ନାହିଁ,

ସର୍ତ୍ତ ରହିବ ଯେ ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀର ବନ୍ୟଜନ୍ତୁ ସଂରକ୍ଷଣ ଉଦ୍ଦେଶ୍ୟରେ ଉଚ୍ଛେଦ ହୋଇଥିବା ଅଧିକାର ପ୍ରାପ୍ତ ଜନଜାତିମାନଙ୍କ ଏହି ବସତିକୁ ରାଜ୍ୟ ସରକାର, କେନ୍ଦ୍ର ସରକାର, କିମ୍ୱା ଅନ୍ୟ କୌଣସି ସଂସ୍ଥା ଦ୍ୱାରା ଅଲଗା କୌଣସି ବ୍ୟବହାର କରାଯାଇ ପାରିବ ନାହିଁ।

୩) ଏହି ଆଇନ ଅଧିନରେ କୌଣସି ରାଜ୍ୟ କିମ୍ବା କେନ୍ଦ୍ର-ଶାସିତ ଅଞ୍ଚଳରେ ବନବାସୀ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ସେମାନଙ୍କର ଜଙ୍ଗଲ ଜମି ଓ ବାସସ୍ଥଳୀର ଅଧିକାରର ସ୍ୱୀକୃତି ଏହି ସର୍ତ୍ତରେ ଦିଆଯାଇପାରିବ, ଯଦି ଉକ୍ତ ଅନୁସୂଚୀତ ଜନଜାତି କିମ୍ବା ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଜଙ୍ଗଲ ଜମି ଭୋଗ ଦଖଲ କରୁଥିବେ।

୪) ଉପଧାରା (୧) ଦ୍ୱାରା ଏହି ଅଧିକାର ପୁରୁଷାନୁକ୍ରମିକ ହେବ, କିନ୍ତୁ ହସ୍ତାନ୍ତରିତ କିମ୍ବା ସ୍ଥାନାନ୍ତରିତ ହେଇପାରିବ ନାହିଁ, ବିବାହ କ୍ଷେତ୍ରରେ ଯୁଗ୍ମ ଭାବେ ଉଭୟଙ୍କର ନାମ ନଥିକରଣ ହେବ ଏବଂ ଏକକ ମୁଖିଆ ଥିବା ପରିବାର ମୁଖ୍ୟଙ୍କ କ୍ଷେତ୍ରରେ ତାଙ୍କର ନାମ ଏବଂ ତାଙ୍କର ପ୍ରତ୍ୟେକ ଉତ୍ତରାଧିକାରୀଙ୍କ ଅନୁପସ୍ଥିତିରେ ପରବର୍ତ୍ତୀ ସମ୍ପର୍କୀୟଙ୍କୁ ଏହି ଅଧିକାର ପ୍ରଦାନ କରାଯିବ।

୫) ଜଙ୍ଗଲ ଅଧିକାର ସ୍ୱୀକୃତି ଓ ଯାଞ୍ଚ ପ୍ରକ୍ରିୟା ଶେଷ ନହେବା ଯାଏ ବନବାସୀ ଓ ପାରମ୍ପରିକ ଅଧିବାସୀ ସେମାନେ ଭୋଗ ଦଖଲ କରୁଥିବା ଜଙ୍ଗଲ ଜମିରୁ ଉଚ୍ଛେଦ କିମ୍ବା ବିତାଡ଼ିତ ହେବେ ନାହିଁ।

୬) ଏହି ଆଇନର ଧାରା (୩)ର ଉପଧାରା (୧)ର ଉପବିଧି (କ) ଅନୁଯାୟୀ ଯେଉଁଠାରେ ଜଙ୍ଗଲ ଅଧିକାରମାନ ସ୍ୱୀକୃତ ଓ ପ୍ରଦାନ କରାଯାଇଛି ସେଠାରେ ଆଇନ କାର୍ଯ୍ୟକାରୀ ହେବା ତାରିଖ ପର୍ଯ୍ୟନ୍ତ ଉକ୍ତ ଜମିର ମାଲିକାନା ବ୍ୟକ୍ତି କିମ୍ବା ପରିବାର କିମ୍ବା ସମ୍ପ୍ରଦାୟ ଅଧିନରେ ରହିବ ଏବଂ ପ୍ରକୃତ ପରିମାଣର ଜମି ସୀମିତ ରହିବ ଏବଂ କୌଣସି କ୍ଷେତ୍ରରେ ଏହା ୪ ହେକ୍ଟରରୁ ଅଧିକ ହେବନାହିଁ।

୭) ଏହି ଆଇନରେ ଥିବା ପ୍ରାବଧାନକୁ ବାଦ ଦେଇ ଜଙ୍ଗଲ ଅଧିକାର ସମସ୍ତ ବାଧା ଓ ଜଙ୍ଗଲ ସଂରକ୍ଷଣ ଆଇନ୍, ୧୯୮୦ରେ ଥିବା ଆବଶ୍ୟକତା ଅନୁଯାୟୀ ଜମିର ବିକଳ୍ପ ପାଇଁ ତାହାର ଚଳିତ ମୂଲ୍ୟ ଏବଂ କ୍ଷତିପୂରଣ ଜନିତ ବୃକ୍ଷରୋପଣ ଭଳି କାର୍ଯ୍ୟପଦ୍ଧତିରୁ ମୁକ୍ତ ରହିବ।

୮) ଯେଉଁ ବନବାସୀ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ସରକାରଙ୍କର ବିକାଶମୂଳକ କାର୍ଯ୍ୟକ୍ରମ ଦ୍ୱାରା ନିଜର ବାସସ୍ଥଳୀ ଏବଂ କୃଷି ଜମିରୁ କୌଣସି ଜମି କ୍ଷତି ପୂରଣ ବିନା ବିସ୍ଥାପିତ ହୋଇଛନ୍ତି ଏବଂ ଯେଉଁ ଜମି ଉକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ ହେବାର ପାଞ୍ଚ ବର୍ଷ ମଧ୍ୟରେ ବ୍ୟବହୃତ ହୋଇପାରିନାହିଁ ବୋଲି ପ୍ରମାଣ ହୋଇପାରିବ ସେଠାରେ ଜମିର ଅଧିକାର ଏହି ଆଇନ ଅଧିନରେ ଜଙ୍ଗଲ ଅଧିକାର ସ୍ୱୀକୃତି ଏବଂ ପ୍ରଦାନର ଅନ୍ତର୍ଭୁକ୍ତ ହେବ।

୫. (୧) ଯେ କୌଣସି ଜଙ୍ଗଲ ଅଧିକାରର ଧାରକ, ଗ୍ରାମସଭା ଏବଂ ଅଞ୍ଚଳିକ ଗ୍ରାମସ୍ତରୀୟ ଅନୁଷ୍ଠାନ ଯେଉଁଠାରେ ଜଙ୍ଗଲ ଅଧିକାର ଧାରକ ଅଛନ୍ତି ସେଠାରେ ସେମାନଙ୍କୁ କ୍ଷମତା ପ୍ରଦାନ କରାଯିବ । ଯଥା:-

କ) ବନ୍ୟଜନ୍ତୁ, ଜଙ୍ଗଲ ଏବଂ ଜୈବ ବିବିଧତାର ସୁରକ୍ଷା;

ଖ) ଜଳ ବିଭାଜିକା ଅଞ୍ଚଳ, ଜଳଉତ୍ସ ଏବଂ ଅନ୍ୟାନ୍ୟ ପରିବେଶୀୟ ସ୍ପର୍ଶକାତର ଅଞ୍ଚଳଗୁଡ଼ିକୁ ପର୍ଯ୍ୟାପ୍ତଭାବେ ସୁରକ୍ଷା ସୁନିଶ୍ଚିତ କରିବ;

ଗ) ବନବାସୀ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ବାସସ୍ଥଳୀର ସୁରକ୍ଷା ଏବଂ କୌଣସି ଧ୍ୱଂସକାରୀ ପ୍ରକ୍ରିୟାଦ୍ୱାରା ସେମାନଙ୍କର ସାଂସ୍କୃତିକ ଏବଂ ପ୍ରାକୃତିକ ଐତିହ୍ୟକୁ କ୍ଷୁର୍ଣ୍ଣ ନ ହେବା ପାଇଁ ସୁରକ୍ଷା କରିବାକୁ ସୁନିଶ୍ଚିତ କରିବ;

ଘ) ଗୋଷ୍ଠୀ ଅରଣ୍ୟ ସମ୍ବଳର ବ୍ୟବହାର ନିୟନ୍ତ୍ରଣ ପାଇଁ ଗ୍ରାମସଭା ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ସୁନିଶ୍ଚିତ କରିବା ଏବଂ କୌଣସି କାର୍ଯ୍ୟ ଯାହା ଜଙ୍ଗଲ, ବନ୍ୟପ୍ରାଣୀ ଓ ଜୈବ ବିବିଧତାକୁ ପ୍ରଭାବିତ କରୁଥିବ ତାହାକୁ ବନ୍ଦ କରିବା ।

# ଚତୁର୍ଥ ପରିଚ୍ଛେଦ

## ଜଙ୍ଗଲ ଅଧିକାର କ୍ଷମତା ପ୍ରଦାନ ନିମନ୍ତେ କର୍ତ୍ତୃତ୍ୱ ଏବଂ କାର୍ଯ୍ୟପନ୍ଥା

୬. ୧. ଗ୍ରାମସଭାର ସ୍ଥାନୀୟ ଅଧିକାରର ପରିସର ମଧ୍ୟରେ ଜଙ୍ଗଲରେ ରହୁଥିବା ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ ଯେଉଁ ପ୍ରକାରର ଏବଂ କେତେ ପରିମାଣର ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ଜଙ୍ଗଲ ଅଧିକାର କିମ୍ବା ଉଭୟ ଅଧିକାର ଦିଆଯିବ ତାହା ନିର୍ଦ୍ଧାରଣ କରିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାର ଗ୍ରାମସଭାର ରହିବ; ଏହି ଆଇନ ଅଧିନରେ ଗ୍ରାମସଭା ଦାବିଗୁଡ଼ିକୁ ଗ୍ରହଣ କରିବ, ଏକତ୍ର କରିବ ଏବଂ ସେଗୁଡ଼ିକୁ ତନଖି କରିବ ଏବଂ ତାହାପରେ ଉକ୍ତ ଅଧିକାରଗୁଡ଼ିକୁ ନିର୍ଦ୍ଧାରିତ ମତେ ସାବ୍ୟସ୍ତ କରିବା ନିମନ୍ତେ ପ୍ରତ୍ୟେକ ଅନୁମୋଦିତ ଦାବିକୁ ନେଇ ସେ ଅଞ୍ଚଳର ଏକ ନକ୍ସା ପ୍ରସ୍ତୁତ କରିବ ଏବଂ ଏହି ମର୍ମରେ ଏକ ପ୍ରସ୍ତାବ ଗୃହୀତ କରି ଏହାର ଏକକିତା ନକଲ ଉପଖଣ୍ଡ ସ୍ତରୀୟ କମିଟିକୁ ପଠାଇବ ।

୨. ଯଦି କୌଣସି ବ୍ୟକ୍ତି ଗ୍ରାମସଭାର ପ୍ରସ୍ତାବରେ ଅସନ୍ତୁଷ୍ଟ ହେଉଥାନ୍ତି ତେବେ ଉପଧାରା (୩) ଅଧିନରେ ଗଠିତ ଉପଖଣ୍ଡ ସ୍ତରୀୟ କମିଟି ନିକଟରେ ଏକ ଯାଚିକା ଦାଖଲ କରିବେ ଏବଂ ଉପଖଣ୍ଡ ସ୍ତରୀୟ କମିଟି ଏହାକୁ ବିଚାର କରିବ;

ମାତ୍ର ଏଭଳି ଯାଚିକା ଗ୍ରାମସଭା ଦ୍ୱାରା ଗୃହୀତ ପ୍ରସ୍ତାବର ୬୦ ଦିନ ମଧ୍ୟରେ ପ୍ରଦାନ କରାଯିବା ଜରୁରୀ । ଅସନ୍ତୁଷ୍ଟ ବ୍ୟକ୍ତିଙ୍କ ବିରୁଦ୍ଧରେ ଯାଚିକାର ବିଚାର ହେବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ତାଙ୍କ ମାମଲାକୁ ଉପସ୍ଥାପନ କରିବା ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବ।

୩. ରାଜ୍ୟ ସରକାର ଏକ ଉପଖଣ୍ଡ ସ୍ତରୀୟ କମିଟି ଗଠନ କରିବେ ଯିଏ ଗ୍ରାମସଭା ଦ୍ୱାରା ଗୃହୀତ ପ୍ରସ୍ତାବକୁ ନିରୀକ୍ଷଣ କରିବ ଏବଂ ଜଙ୍ଗଲ ଅଧିକାର ଗୁଡ଼ିକର ନଥି ପ୍ରସ୍ତୁତ କରି ଉପଖଣ୍ଡ ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲା ସ୍ତରୀୟ କମିଟିକୁ ଶେଷ ନିଷ୍ପତ୍ତି ନେବାକୁ ପଠାଇବ।

୪. କୌଣସି ବ୍ୟକ୍ତି ଉପଖଣ୍ଡ ସ୍ତରୀୟ କମିଟିର ନିଷ୍ପତ୍ତିରେ ଅସନ୍ତୁଷ୍ଟ ହେଲେ ଉପଖଣ୍ଡ ସ୍ତରୀୟ କମିଟିର ନିଷ୍ପତ୍ତି ନେବାର ୬୦ ଦିନ ମଧ୍ୟରେ ଜିଲ୍ଲା ସ୍ତରୀୟ କମିଟିକୁ ଆବେଦନ କରିପାରିବେ ଏବଂ ଜିଲ୍ଲାସ୍ତରୀୟ କମିଟି ଏହାକୁ ବିଚାର କରିବେ;

କିନ୍ତୁ କୌଣସି ଯାଚିକା ଉପଖଣ୍ଡ ସ୍ତରୀୟ କମିଟି ଦ୍ୱାରା ବିଚାର ନ ହୋଇ ସିଧାସଳଖ ଗ୍ରାମସଭାର ଗୃହୀତ ପ୍ରସ୍ତାବ ଉପରେ ଜିଲ୍ଲା ସ୍ତରୀୟ କମିଟିକୁ ବିଚାର ପାଇଁ ପଠାଯାଇ ପାରିବ ନାହିଁ।

କିନ୍ତୁ ଅସନ୍ତୁଷ୍ଟ ବ୍ୟକ୍ତିଙ୍କ ବିରୁଦ୍ଧରେ ଯାଚିକାର ବିଚାର ହେବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ତାଙ୍କ ମାମଲାକୁ ଉପସ୍ଥାପନ କରିବା ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବ।

୫. ଉପଖଣ୍ଡ ସ୍ତରୀୟ କମିଟି ଦ୍ୱାରା ପ୍ରସ୍ତୁତ ଜଙ୍ଗଲ ଅଧିକାର ସମ୍ପର୍କିତ ନଥିପତ୍ରର ଶେଷ ଅନୁମୋଦନ ନିମନ୍ତେ ରାଜ୍ୟ ସରକାର ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରିବେ।

୬. ଜଙ୍ଗଲ ଅଧିକାର ସମ୍ପର୍କିତ ନଥିରେ ଜିଲ୍ଲା ସ୍ତରୀୟ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ଓ ବାଧ୍ୟତାମୂଳକ ହେବ।

୭. ଜଙ୍ଗଲ ଅଧିକାରର ଚିହ୍ନଟ ଓ ସତ୍ତ୍ୱ ପ୍ରଦାନ ପ୍ରକ୍ରିୟାକୁ ତଦାରଖ କରିବା ନିମନ୍ତେ ରାଜ୍ୟ ସରକାର ଏକ ରାଜ୍ୟ ସ୍ତରୀୟ ତଦାରଖ କମିଟି ଗଠନ କରିବେ ଏବଂ ଏଥି ସଂକ୍ରାନ୍ତୀୟ ନଥି ଓ ବିବରଣୀକୁ ନୋଡ଼ାଲ ଏଜେନ୍ସିର ଆବଶ୍ୟକତା ମୁତାବକ ଦାଖଲ କରିବେ।

୮. ଉପଖଣ୍ଡ ସ୍ତରୀୟ କମିଟି, ଜିଲ୍ଲା ସ୍ତରୀୟ କମିଟି ଏବଂ ରାଜ୍ୟ ସ୍ତରୀୟ ତଦାରଖ କମିଟି, ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ, ଜଙ୍ଗଲ ଆଦିବାସୀ ବ୍ୟାପାର ବିଭାଗ ଏବଂ ସମ୍ପୃକ୍ତ ପଞ୍ଚାୟତିରାଜ ଅନୁଷ୍ଠାନ ଦ୍ୱାରା ସମୁଚିତ ସ୍ତରରେ ନିଯୁକ୍ତି ପ୍ରାପ୍ତ ୩ଜଣ ସଭ୍ୟଙ୍କୁ ନେଇ ଗଠିତ ହେବ, ଯେଉଁମାନଙ୍କ ମଧ୍ୟରୁ ନିର୍ଦ୍ଧାରିତ ମତେ ଅନୁସୂଚୀତ ଜନଜାତିର ଦୁଇଜଣ ସଭ୍ୟ ଏବଂ ଅନ୍ୟୁନ ଜଣେ ମହିଳା ସଦସ୍ୟ ରହିବେ।

୯. ଉପଖଣ୍ଡ ସ୍ତରୀୟ କମିଟି, ଜିଲ୍ଲା ସ୍ତରୀୟ କମିଟି ଓ ରାଜ୍ୟ ସ୍ତରୀୟ ତଦାରଖ କମିଟିର ଗଠନ ଓ କାର୍ଯ୍ୟ ଏବଂ କାର୍ଯ୍ୟକ୍ରମ ନିମନ୍ତେ ଅନୁସୃତ ଧାରା ନିର୍ଦ୍ଧାରଣମତେ ହେବ।

# ପଞ୍ଚମ ପରିଚ୍ଛେଦ

## ଦୋଷ ଏବଂ ଦଣ୍ଡ ବିଧାନ

୭. ଯେଉଁଠାରେ କୌଣସି ଅଧିକାରୀ କିମ୍ବା କମିଟି କିମ୍ବା କର୍ତ୍ତୃପକ୍ଷ କିମ୍ବା ସେହି କର୍ତ୍ତୃପକ୍ଷଙ୍କ ସଦସ୍ୟ କିମ୍ବା କମିଟି ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ୍‌ର କୌଣସି ସର୍ତ୍ତ କିମ୍ବା ନିୟମର ଉଲ୍ଲଙ୍ଘନ କରିବେ, ଏହି ଆଇନ୍ ଅଧିନରେ ସେମାନେ ଦୋଷୀ ସାବ୍ୟସ୍ତ ହେବେ ଏବଂ ସେମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦଣ୍ଡ ବିଧାନ ହେବ, ଯେଉଁଥିରେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମନା ଲାଗୁ ହୋଇପାରେ;

କିନ୍ତୁ ଯଦି କୌଣସି ଅଧିକାରୀ କିମ୍ବା କମିଟି କିମ୍ବା ବିଭାଗୀୟ ମୁଖ୍ୟ ବା କୌଣସି ବ୍ୟକ୍ତି ପ୍ରମାଣ କରିପାରିବେ ଯେ ଏହି ତ୍ରୁଟି ତାଙ୍କର ଅଜ୍ଞାତରେ କିମ୍ବା ଏହି ତ୍ରୁଟି ନହେବା ପାଇଁ ସେ ସମସ୍ତ ଆବଶ୍ୟକ ପଦକ୍ଷେପ ନେଇଥିଲେ, ତେବେ ଏହି ଉପଧାରା ଅନୁଯାୟୀ ସେ ଦୋଷମୁକ୍ତ ହୋଇପାରିବେ।

୮. ଯଦି କୌଣସି ଜଙ୍ଗଲରେ ରହୁଥିବା ଅନୁସୂଚୀତ ଜନଜାତି ବ୍ୟକ୍ତି ଗ୍ରାମସଭାର ପ୍ରସ୍ତାବ ସମ୍ପର୍କିତ ବିବାଦ କିମ୍ବା ଗ୍ରାମସଭା କୌଣସି ଉପରିସ୍ଥ କର୍ମକର୍ତ୍ତାଙ୍କ ବିରୁଦ୍ଧରେ ରାଜ୍ୟ ସ୍ତରୀୟ ତଦାରଖ କମିଟିକୁ ୬୦ ଦିନର ଏକ ନୋଟିସ୍ ଦାଖଲ କରିଥାଏ ଏବଂ ରାଜ୍ୟ ସ୍ତରୀୟ ତଦାରଖ କମିଟି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥାଏ, ତେବେ ଧାରା – ୭ରେ ଥିବା ପ୍ରାବଧାନ ଅନୁଯାୟୀ କୌଣସି ନ୍ୟାୟାଳୟରେ ଏହା ଧର୍ତ୍ତବ୍ୟ ଅପରାଧ ଭାବେ ଗ୍ରହଣୀୟ ହେବନାହିଁ।

# ଷଷ୍ଠ ପରିଚ୍ଛେଦ

## ବିବିଧ

୯. ଏହି ଆଇନର ଚତୁର୍ଥ ପରିଚ୍ଛେଦରେ ସୂଚୀତ କର୍ତ୍ତୃପକ୍ଷଙ୍କର ପ୍ରତ୍ୟେକ ସଭ୍ୟ ଏବଂ ଅନ୍ୟ ଯେକୌଣସି ପଦାଧିକାରୀ ଏହି ନିୟମ ଅଧିନରେ କିମ୍ବା ଏହି ନିୟମ ଦିଆଯାଇଥିବା କ୍ଷମତା ଅନୁଯାୟୀ ଉପଯୋଗ କରୁଥିବେ, ସେମାନେ ଭାରତୀୟ ପିଙ୍ଗଳ କୋର୍ଡ଼ର ଧାରା ୨୧ ଅନୁଯାୟୀ ଲୋକମାନଙ୍କର ସେବକ ଭାବରେ ବିବେଚିତ ହେବେ।

୧୦.୧. କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କର କୌଣସି ଅଧିକାରୀ କିମ୍ବା ଅନ୍ୟାନ୍ୟ କର୍ମଚାରୀ ଯଦି ଏହି ଆଇନ

ଅଧିନରେ କୌଣସି ଭଲ ଉଦ୍ଦେଶ୍ୟ ରଖି ପଦକ୍ଷେପ ନେଇଥାନ୍ତି କିମ୍ବା ନେବାକୁ ଇଚ୍ଛା କରିଥାନ୍ତି ତେବେ ସେମାନଙ୍କର ବିରୁଦ୍ଧରେ କୌଣସି ମକଦ୍ଦମା ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ।

୨. କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କର କୌଣସି ଅଧିକାରୀ କିମ୍ବା ଅନ୍ୟାନ୍ୟ କର୍ମଚାରୀ ଯଦି ଏହି ଆଇନ ଅଧିନରେ କିମ୍ବା କୌଣସି ଭଲ ଉଦ୍ଦେଶ୍ୟ ରଖି ନେଇଥିବା ପଦକ୍ଷେପ କିମ୍ବା ପଦକ୍ଷେପ ନେବାକୁ ଇଚ୍ଛା କରିଥିବା ଯୋଗୁ ଯଦି କୌଣସି କ୍ଷତି ହୁଏ କିମ୍ବା କ୍ଷତି ହେବାର ସମ୍ଭାବନା ଥାଏ, ତେବେ ସେମାନଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ।

୩. ପରିଚ୍ଛେଦ ୪ରେ ଥିବା ଉଲ୍ଲେଖମତେ ଯଦି ସଭାପତି, ସଭ୍ୟ, ସଭ୍ୟ ସମ୍ପାଦକ, ଅଧିକାରୀ ଏବଂ ଅନ୍ୟ କର୍ମଚାରୀ ଏହି ଆଇନ ଅଧିନରେ କୌଣସି ଭଲ ଉଦ୍ଦେଶ୍ୟ ରଖି କୌଣସି ପଦକ୍ଷେପ ନେଇଥାନ୍ତି ଅଥବା ନେବାକୁ ଇଚ୍ଛା ପ୍ରକାଶ କରିଥାନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ।

୧୧. କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ କିମ୍ବା କେନ୍ଦ୍ର ସରକାରଙ୍କ ସ୍ୱୀକୃତିପ୍ରାପ୍ତ କୌଣସି ଅଧିକାରୀ ଅଥବା କୌଣସି କର୍ମକର୍ତ୍ତା ଏହି ଆଇନ୍‌ର ସର୍ତ୍ତଗୁଡ଼ିକୁ ଲାଗୁ କରିବା ନିମନ୍ତେ ନୋଡ଼ାଲ୍ ଏଜେନ୍ସି ଭାବେ ପରିଗଣିତ ହେବେ।

୧୨. ଏହି ଆଇନ ଦ୍ୱାରା କିମ୍ବା ଅଧିନରେ କର୍ତ୍ତବ୍ୟ ପାଳନ ଏବଂ କ୍ଷମତାର ଉପଯୋଗ ନିମନ୍ତେ ଚତୁର୍ଥ ପରିଚ୍ଛେଦରେ ଦଣ୍ଡିତ ପ୍ରତ୍ୟେକ କର୍ମକର୍ତ୍ତା କେନ୍ଦ୍ର ସରକାରଙ୍କ ଠାରୁ ସାଧାରଣ କିମ୍ବା ସ୍ୱତନ୍ତ୍ର ନିର୍ଦ୍ଦେଶମାନ ପାଇପାରନ୍ତି ଯାହା ସ୍ଥଳବିଶେଷରେ ଲିଖିତ ନିର୍ଦ୍ଦେଶ ହୋଇପାରେ।

୧୩. ଏହି ଆଇନ ଏବଂ ପଞ୍ଚାୟତ (ଅନୁସୂଚୀତ ଅଞ୍ଚଳକୁ ସମ୍ପ୍ରସାରଣ) ଆଇନ, ୧୯୯୬ରେ ଦିଆଯାଇଥିବା ସର୍ତ୍ତଗୁଡ଼ିକ ବର୍ତ୍ତମାନ ଲାଗୁ ହେଉଥିବା ଅନ୍ୟ କୌଣସି ଆଇନ୍‌ର ବିରୁଦ୍ଧାଚରଣ କରିବନାହିଁ, ବରଂ ଏହି ଆଇନ୍ ସହ ଯୁକ୍ତ ହେବ।

୧୪.୧. କେନ୍ଦ୍ର ସରକାର ବିଜ୍ଞପ୍ତି ଦ୍ୱାରା ଏହି ପୂର୍ବ ପ୍ରକାଶିତ ସର୍ତ୍ତ ଅନୁସାରେ ଏହି ଆଇନର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାର ନିୟମ ପ୍ରସ୍ତୁତ କରିବେ।

୨. ପୂର୍ବବର୍ତ୍ତି କ୍ଷମତାଗୁଡ଼ିକର ବ୍ୟାପକତା ପାଇଁ ପକ୍ଷପାତ ନକରି, ଏଭଳି ନିୟମ ଗୁଡ଼ିକ ନିମ୍ନଲିଖିତ ସମସ୍ତ ବା ଯେକୌଣସି ବିଷୟ ପାଇଁ ପ୍ରଯୁଜ୍ୟ ହେବ।

କ) ଧାରା -୬ରେ ଦର୍ଶାଯାଇଥିବା ପ୍ରକ୍ରିୟାରେ ସମ୍ପାଦନ ନିମନ୍ତେ କାର୍ଯ୍ୟପଦ୍ଧତି।

ଖ) ଦାବି ଗ୍ରହଣର ପ୍ରକ୍ରିୟା, ଏକତ୍ରୀକରଣ ଓ ଯାଞ୍ଚ ଏବଂ ଧାରା ୬ର ଉପଧାରା (୧) ଅଧିନରେ ଜଙ୍ଗଲ ଅଧିକାରର ପ୍ରୟୋଗ ପାଇଁ ସୁପାରିଶ କରାଯାଇଥିବା ପ୍ରତ୍ୟେକ ଦାବି ଚିହ୍ନିତ ଅଞ୍ଚଳର ମାନଚିତ୍ର ପ୍ରସ୍ତୁତି ଏବଂ ଏହି ଧାରାର ଉପଧାରା (୨) ଅଧିନରେ ଉପଖଣ୍ଡ ସ୍ତରୀୟ କମିଟି ନିକଟରେ ଯାଚିକା ଦାଖଲ କରିବାର ପ୍ରକ୍ରିୟା।

ଗ) ଧାରା ୬ର ଉପଧାରା ୮ ଅଧିନରେ ରାଜ୍ୟ ସରକାରଙ୍କ ରାଜସ୍ୱ, ଜଙ୍ଗଲ ତଥା ଆଦିବାସୀ ବ୍ୟାପାର ବିଭାଗର ବିଭିନ୍ନ ସ୍ତରରେ ଅଧିକାରୀମାନେ ଉପଖଣ୍ଡ ସ୍ତରୀୟ କମିଟି, ଜିଲ୍ଲା ସ୍ତରୀୟ କମିଟି ଓ ରାଜ୍ୟ ସ୍ତରୀୟ ତଦାରଖ କମିଟିରେ ସଦସ୍ୟରୂପେ ନିଯୁକ୍ତ ହେବେ।

ଘ) ଉପଖଣ୍ଡ ସ୍ତରୀୟ କମିଟି, ଜିଲ୍ଲା ସ୍ତରୀୟ କମିଟି ଏବଂ ରାଜ୍ୟ ସ୍ତରୀୟ ତଦାରଖ କମିଟିର ଗଠନ ଓ କାର୍ଯ୍ୟ ଏବଂ ସେମାନଙ୍କର କାର୍ଯ୍ୟ କରିବା ନିମନ୍ତେ ଅନୁସୃତ ପ୍ରଣାଳୀ ଧାରା ୬ର ଉପଧାରା ୯ ଅନୁଯାୟୀ ହେବ।

ଙ) ଅନ୍ୟାନ୍ୟ ବିଷୟ ଯାହା ଆବଶ୍ୟକ ଏବଂ ପ୍ରସ୍ତାବିତ ହୋଇପାରେ।

୩. ଏହି ଆଇନ ପରିସରରେ କେନ୍ଦ୍ର ସରକାର ଯଥାଶୀଘ୍ର ସମ୍ଭବ ପ୍ରତ୍ୟେକ ନିୟମ ଆଗତ କରିବେ। ସଂସଦର ପ୍ରତ୍ୟେକ ଗୃହରେ, ଗୃହ ଚାଲୁଥିବା ସମୟରେ ତିରିଶ ଦିନ ମଧ୍ୟରେ ଗୋଟିଏ ଅଧିବେଶନରେ କିମ୍ବା ଦୁଇ କିମ୍ବା ତତୋଧିକ କ୍ରମାଗତ ଅଧିବେଶନରେ ଏବଂ ଯଦି ଏହା ସଂସଦ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଆଗତ ହୁଏ, ତେବେ ତା'ର ପରବର୍ତ୍ତୀ ଅଧିବେଶନ କିମ୍ବା ଅଧିବେଶନଗୁଡ଼ିକରେ ଏହି ନିୟମରେ ଉଭୟ ଗୃହ କୌଣସି ପରିବର୍ତ୍ତନ କରିବାକୁ ସହମତ ହେବେ କିମ୍ବା ନିୟମ ହେବା ଉଚିତ୍ ନୁହେଁ ବୋଲି ସହମତ ହେବେ, ଏହାପରେ ନିୟମ ଅପରିବର୍ତ୍ତିତ ଅବସ୍ଥାରେ ଲାଗୁ ହେବ କିମ୍ବା ଲାଗୁ ହେବନାହିଁ। ଏହି ନିୟମ ପରିସରରେ ପୂର୍ବରୁ ହୋଇଥିବା କୌଣସି ବୈଧତାକୁ ପକ୍ଷପାତ ନକରି କୌଣସି ପରିବର୍ତ୍ତନ କିମ୍ବା ବିଲୋପ ହେବ।

**କେ.ଏନ୍. ଚର୍ତୁବେଦି ସଚିବ,**

**ଭାରତ ସରକାର**